# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଧାନମଣ୍ଡି ପରିଚାଳନା କରୁଥିବା ଏସ୍ଏଚ୍‌ଜିଗୁଡ଼ିକ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

■ ଗତ ଖରିଫ୍ ବର୍ଷରେ କମିଶନ ଅର୍ଥରାଶି ମିଳିନାହିଁ

■ ଚଳିତ ଖରିଫ୍‌ରେ ଧାନ ମଣ୍ଡିରେ ପଞ୍ଜୀକରଣ କରାଯାଉ

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଧାନମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ୫୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ଖରିଫ୍ ବର୍ଷ ୨୦୨୩-୨୪ରେ ଧାନମଣ୍ଡି ପରିଚାଳନା କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବର୍ତ୍ତମାନ ସୁଦ୍ଧା ପାରିଶ୍ରମିକ ବାବଦ କମିଶନ ଅର୍ଥରାଶି ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ କରାଯାଇଛି। ସେହିପରି ଜିଲାର ସମସ୍ତ ୫୧ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦୨୪-୨୫ ଖରିଫ ଧାନ ମଣ୍ଡିର ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ତାଲିମ ପ୍ରଦାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମହାମାରୀ କରୋନା ସମୟରେ ୨୦୨୧-୨୨ ଖରିଫ ବର୍ଷରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀମାନଙ୍କ ଧାନକୁ ମଣ୍ଡିରେ ଦେବା ଏବଂ ସମସ୍ତ ସରକାରୀ କାଗଜପତ୍ର ଦାଖଲ କରି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ୨୦୨୪-୨୫ ଖରିଫ ଧାନ ପଞ୍ଜୀକରଣ ତାରିଖ ଗତ ୧୫ ତାରିଖ ରହିଥିଲା। ସେହିପରି ଜୁଲାଇ ୧୨ ତାରିଖକୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକଙ୍କ ଧାନ ମଣ୍ଡି ପଞ୍ଜୀକରଣ ତାଲିମ କାର୍ଯ୍ୟକ୍ରମ ଥିଲା। ଇତିମଧ୍ୟରେ ଉକ୍ତ ତାରିଖ ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସୂଚନା ଦିଆଯାଇନାହିଁ। ଫଳରେ ଚାଷୀମାନେ ଧାନମଣ୍ଡି ପଞ୍ଜୀକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଠାରୁ ଫର୍ମ ନ ପାଇ ନିରାଶ ହୋଇ ଫେରୁଛନ୍ତି ବୋଲି ଢେଙ୍କାନାଳ ଜିଲା ଧାନମଣ୍ଡି ପରିଚାଳନା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଅଞ୍ଜଳି ପରିଡ଼ା, ସମ୍ପାଦକ ମନିଶ୍ରୀ ପଣ୍ଡା, କିରଣବାଳା ସାହୁ, ନିରୁପମା ଲେଙ୍କା, ଦମୟନ୍ତୀ ସାହୁ, ବବିତା ସାହୁ, ସୁଲୋଚନା ସାହୁ, ଛବିଳତା ସାହୁ ଓ କଳ୍ପନାମୟୀ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ନକଲ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଇଛି।

# ଅଞ୍ଚଳର ସମସ୍ୟା ବୁଝିଲେ ଏମ୍‌ପି

**କାମାକ୍ଷାନଗର,୧୬।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମଙ୍ଗଳବାର କାମାକ୍ଷାନଗର ଗସ୍ତରେ ଆସି ଭାଜପା କର୍ମକର୍ତ୍ତାମାନଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଲୋକେ ଏମ୍‌ପିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାରେ ସମସ୍ୟା, ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭାବ ସମସ୍ୟା ସମ୍ପର୍କରେ ଆଲୋଚନା କରି ତାହାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ହେତୁ ଚାଷ କାର୍ଯ୍ୟ ବ୍ୟାହତ ହେଉଥିବା ବେଳେ ଅଦ୍ୟାବଧି ରେଙ୍ଗାଳି ବାମକେନାଲରେ ପର୍ଯ୍ୟାପ୍ତ ପାଣି ନ ଆସିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ କହିଥିଲେ। ଏମ୍‌ପିଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ଭାଜପା ନେତା ପବିତ୍ର ମୋହନ ବିଶ୍ୱାଳ, ନଗର ସଭାପତି ବିଭୁ ପଟ୍ଟନାୟକ, ରଣଜିତ ସାହୁ, ଚନ୍ଦନ ବେହେରା, ମୀନକେତନ ନାୟକ, ମୀନକେତନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାମାକ୍ଷାନଗର ଗସ୍ତରେ ଆସିଥିବା ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସମସ୍ୟା ପଚାରି ବୁଝୁଛନ୍ତି।

# ତାଲବରକୋଟରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ଜିଲା ତାଲବରକୋଟ ଗ୍ରାମର ଧନେଶ୍ୱର ଧଳଙ୍କ ଜନ୍ମଦିନ ଅବସରରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଗତ ୧୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଯୁବବକ୍ତା ତପନ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକବିତ୍ ଜୟକୃଷ୍ଣ ଜେନା ଯୋଗଦେଇ ସଦାଚାର, ବିଶ୍ୱ ଭ୍ରାତୃତ୍ୱ, ସଂହତି, ମାନବିକ ମୂଲ୍ୟବୋଧର ଜାଗରଣ, ଉତ୍ତମ ଚରିତ୍ର ଗଠନ ପାଇଁ ଆହ୍ୱାନ ଜଣାଇଥିଲେ। ଅଜ୍ଞାନତା, ଦାରିଦ୍ର୍ୟତା, ରୋଗ ଶୋକ, ମୃତ୍ୟୁ ଆଦି ବିରୋଧରେ ଯୁଦ୍ଧ କରି ଏକ ସୁସ୍ଥ ସୁନ୍ଦର ଭ୍ରାତୃତ୍ୱପୂର୍ଣ୍ଣ ସ୍ୱର୍ଗୀୟ ପୃଥିବୀ ଗଠନ ପାଇଁ ଶ୍ରୀ ଶ୍ରୀ ଠାକୁର ତାଙ୍କ ପ୍ରଦତ୍ତ ଆଚାର୍ଯ୍ୟ ପରମ୍ପରା ମାଧ୍ୟମରେ ଏକାନ୍ତ ଜରୁରୀ ଭାବରେ ପ୍ରଚେଷ୍ଟାରତ ବୋଲି ମୁଖ୍ୟବକ୍ତା ଚିନ୍ମୟୀ ରାଉତ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ସନାତନ ମହାନ୍ତି, ଅବସରପ୍ରାପ୍ତ ଅଗ୍ନି ନିର୍ବାପକ ଅଧିକାରୀ ବନ ବିହାରୀ ଧଳ, ରବିନାରାୟଣ ସାହୁ, ବ୍ରଜବନ୍ଧୁ ରାଉତ, ହାଡ଼ିବନ୍ଧୁ ସାହୁ ଓ ସୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଧଳ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରତିବର୍ଷ ଏପରି ସୁସ୍ଥ ସମାଜ ଗଠନ ସତ୍‌ସଙ୍ଗ ଆୟୋଜନର ପ୍ରତିବଦ୍ଧତା ଘୋଷଣା କରିଥିଲେ।



ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତାମାନେ।

# ରଥଗଡ଼ାରେ ଲାଗିଲା ୨ ରଥ



ରଥଗଡ଼ାରେ ଲାଗିଥିବା ୨ ରଥ।

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ସହର ରଥଗଡାଠାରେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ଦୁଇରଥ ଲାଗିଥିଲା। ମଙ୍ଗଳବାର ମହାପ୍ରଭୁଙ୍କ ରଥାରୂଢ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ପାଳନ ହୋଇଥିଲା। ସୋମବାର ବାହୁଡା ଯାତ୍ରାରେ ଦୁଇରଥ ମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ କରିଥିବା ବଡ଼ରଥ ସନ୍ଧ୍ୟା ହୋଇଯିବାରୁ ମହାବୀର ବଜାର ଓ ମହିଳାମାନେ ଟାଣୁଥିବା ତଥା ରାଜବାଟୀର ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଥିବା ସାନରଥ ଲକ୍ଷ୍ମୀବଜାର ଠାରେ ଅଟକି ଯାଇଥିଲା। ଏହାପରେ ମଙ୍ଗଳବାର ସକାଳ ସାଢେ ୮ଟାରେ ରଥଟଣା ଆରମ୍ଭ ହୋଇ ସାଢେ ୧୦ଟା ସୁଦ୍ଧା ଦୁଇରଥ ରଥଗଡାଠାରେ ଲାଗିଥିଲା। ବୁଧବାର ମହାପ୍ରଭୁଙ୍କ ରଥ ଉପରେ ଏକାଦଶୀ ନୀତି ପାଳନ ହେବା ସହିତ ସୁନାବେଶ ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି।

# ଜୁବୁଲି ଟାଉନରେ ବାହୁଡ଼ାଯାତ୍ରା

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ସହର ଜୁବୁଲି ଟାଉନ ଅଞ୍ଚଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନାଥ ନାଏକ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଉଦ୍ୟମରେ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ମନ୍ଦିରରେ ରଥ ଲାଗିବା ପରେ ନୀଳାଦ୍ରି ବିଜେ କରାଯାଇଥିଲା। ବିଲସାହି ଅଞ୍ଚଳର ସଜନି ବେୱା ବହୁ କଷ୍ଟରେ ଅର୍ଥ ଯୋଗାଡ କରି ମନ୍ଦିର ନିର୍ମାଣ କରିଥିବା ବେଳେ ବର୍ତ୍ତମାନ ସେଠାରେ ମହାପ୍ରଭୁଙ୍କ ଏକ ବଡ଼ ମନ୍ଦିର ନିର୍ମାଣ ହୋଇଛି। ରାଜେଶ ସାହୁ, ବଟକୃଷ୍ଣ ଅଗସ୍ତି, ବାଜିଆ ନାଏକ ଓ ବାବୁଲି ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଜୁବୁଲି ଟାଉନରେ ବାହୁଡ଼ା ଯାତ୍ରା ପାଳନ କରାଯାଉଛି।

# ଇନ୍ଦିପୁରରେ ବାହୁଡ଼ାଯାତ୍ରା



ଇନ୍ଦିପୁରରେ ବାହୁଡ଼ାଯାତ୍ରା ପାଳନ କରାଯାଉଛି।

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଅଞ୍ଚଳରେ ସୋମବାର ଭକ୍ତି ଆବେଗର ସହ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ତଳ ନୂଆସାହି ଶ୍ରୀଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ହୋଇ ରଥାରୂଢ ହୋଇଥିଲେ। ରଘୁନାଥ ସିଂହ ଛେରା ପହଁରା କରିଥିଲେ। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି, ଘଣ୍ଟଶଙ୍ଖ ନାଦ ଓ ଲଉଡି ବାଡି ଖେଳରେ ଇନ୍ଦିପୁର କମ୍ପି ଉଠିଥିଲା। ବାଟରେ ଭକ୍ତଙ୍କୁ ଦହିପଣା ବିତରଣ କରାଯାଇଥିଲା। ଏହାପରେ ରଥ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଥିଲା। ବୁଧବାର ଏକାଦଶୀ ପାଳନ ଓ ସୁନାବେଶରେ ଦର୍ଶନ ଦେବାପରେ ଶ୍ରୀଜୀଉମାନେ ମନ୍ଦିର ଭିତରକୁ ପ୍ରବେଶ କରିବେ। ରଥଯାତ୍ରା ଠାରୁ ୯ଦିନ ଯାଏ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭଜନ ସମାରୋହ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରମ୍ପଙ୍କ ଉପରେ ଆକ୍ରମଣକୁ ଉଫୁନାର ନିନ୍ଦା

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆକ୍ରମଣକୁ ନେଇ ଉଫୁନା ପକ୍ଷରୁ ମଙ୍ଗଳବାର ଏକ ବୈଠକରେ ନିନ୍ଦା କରାଯାଇଛି। ଇଣ୍ଡିଆନ୍ ଫେଡେରେଶନ୍‌ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏଶନ୍ (ଆଇଏଫ୍‌ୟୁଏନ୍ଏ) ପକ୍ଷରୁ ସର୍ବଭାରତୀୟ ଉପସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଏବଂ ସମାଜବାଦୀ ନେତା ସରୋଜ ଶତପଥୀ, ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ପ୍ରମୁଖ ଏହାର ତୀବ୍ର ନିନ୍ଦା କରିଛନ୍ତି। ଗାନ୍ଧୀଙ୍କର ଶାନ୍ତି ନୀତି ସହ ଦେଶରେ ପ୍ରୟୋଗ ସାଜିଥିବା ବେଳେ କୌଣସି ଗଣତାନ୍ତ୍ରିକ ଶକ୍ତି ଏଭଳି ଆଚରଣକୁ ନିନ୍ଦା କରିବା ଉଚିତ୍ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ବାହୁଡ଼ାଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ରଥଗଡା ଠାରେ ୩୫ତମ ବାହୁଡା ଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ଭଜନ ସମାରୋହକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଉପ ଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସପନ କୁମାର ନନ୍ଦ, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଅନୁଷ୍ଠାନର ସଦସ୍ୟ ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ରାଉତ, ବିନୋଦ କୁମାର ମହାନ୍ତି, ଆଇନଜୀବୀ ଶରତ କୁମାର ସାହୁ ଓ ସମାଜସେବୀ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଥୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଜନ ପରିବେଷଣ କରିଥିବା କୁନି କୁନି ପିଲାମାନଙ୍କୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତିରେ ପ୍ରଦତ୍ତ ଆର୍ଥିକ ଅନୁଦାନ ରାଶିରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରା, ଉମା ଶଙ୍କର, ଦୀପ୍ତିମୟୀ ଦାସ ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।



ଦ୍ୱିତୀୟ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଉଛି।

# ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅହିଂସା ଏବଂ କେନ୍ଦ୍ର ସରକାରଙ୍କ ଭୂମି ବିଜ୍ଞାନ ମନ୍ତ୍ରଣାଳୟଙ୍କ ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଜୀବନ-ଜୀବିକା ପ୍ରଭାବିତ ସମ୍ପର୍କିତ ଏକଦିବସୀୟ କର୍ମଶାଳା ମଙ୍ଗଳବାର ସ୍ଥାନୀୟ ଲେଖକ ସଂସଦ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, କୃଷକ ସଙ୍ଗଠନ, କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ବିପର୍ଯ୍ୟୟ ପରିଚାଳନା ସମିତିର ସଙ୍ଗୀତା ଦାସ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱେଚ୍ଛାସେବୀ ଆବାହକ ଅମ୍ବୁଜ କୁମାର ପୁହାଣ, ଲୟର୍ ଫୋରମ୍‌ର ସଭାପତି ସୁବୋଧ ମହାନ୍ତି, ପଞ୍ଚାୟତ ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ମମତା ରାଜ ଓ ପରାମର୍ଶଦାତା ସରୋଜ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଅହିଂସା ସମ୍ପାଦକ ମାନଗୋବିନ୍ଦ ସେଠୀ, କାର୍ଯ୍ୟକ୍ରମ ସଂଯୋଜିକା ରୁଚିର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଅତିଥିମାନେ।

# ଟାଟା ଷ୍ଟିଲ୍ ପକ୍ଷରୁ ମା'ଙ୍କ ନାମରେ ଗଛଟିଏ ଅଭିଯାନ

**ଢେଙ୍କାନାଳ,୧୬।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଟାଟା ଷ୍ଟିଲ ମେରାମଣ୍ଡଳୀ(ଟିଏସ୍ଏମ୍), ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ଢେଙ୍କାନାଳ ଓ ଅନୁଗୋଳ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ମା'ଙ୍କ ନାମରେ ଗଛଟିଏ ଅଭିଯାନ ଜରିଆରେ ଚାରା ରୋପଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନ ଜରିଆରେ ୫୫ନଂ. ଜାତୀୟ ରାଜପଥ ନିକଟ ନୂଆହତା ପଞ୍ଚାୟତରେ ପ୍ରାୟ ୧୦୦୦ ଚାରା ରୋପଣ କରାଯିବ। ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ଢେଙ୍କାନାଳର ପ୍ରକଳ୍ପ ନିର୍ଦ୍ଦେଶକ ବି.ପି ପାଠକ, ଅନୁଗୋଳ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଟିଏସ୍ଏମ୍ କର୍ପୋରେଟ ସେବା ମୁଖ୍ୟ ମୋହିତ ଦାସଙ୍କ ସମେତ ଟିଏସ୍ଏମ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଓ ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ଟାଟା ଷ୍ଟିଲ୍ ପକ୍ଷରୁ ମା'ଙ୍କ ନାମରେ ଗଛଟିଏ ଅଭିଯାନର ଶୁଭାରମ୍ଭ କରାଯାଉଛି।

# ସର୍ପ ସଚେତନତାକୁ ବ୍ୟାପକ କରିବାକୁ ଆହ୍ୱାନ



ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସର୍ପ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଚେତନତା କର୍ମଶାଳା।

**ଅନୁଗୋଳ,୧୬।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସର୍ପ ଦିବସ ପାଳନ ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାପକାମୁଡ଼ା ଏକ ଦୁର୍ଘଟଣା, ଯାହା ଶତପ୍ରତିଶତ ଆରୋଗ୍ୟସାଧ୍ୟ। କିନ୍ତୁ କାଳ୍ପନିକ କଥା, ଅନ୍ଧବିଶ୍ୱାସ ଓ ଅସାବଧାନତା ଯୋଗୁ ସାପକାମୁଡ଼ା ଘଟଣା ବର୍ତ୍ତମାନ ଏକ ଜଟିଳ ସ୍ଥିତି ସୃଷ୍ଟି କରିଛି। ଠିକ ଚିକିତ୍ସା ନ କରି, ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରେ ବିଶ୍ୱାସ ଯୋଗୁ ବର୍ଷକୁ ବର୍ଷ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଓ ସାପର ସୁରକ୍ଷା ପାଇଁ ଜନସଚେତନତା ଏବଂ ସହଯୋଗର ଆବଶ୍ୟକତା ଅଛି ବୋଲି ବିଶ୍ୱ ସର୍ପ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି।

ସାମାଜିକ ଅନୁଷ୍ଠାନ ନିୟୁଜ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ, ଅନୁଗୋଳ ସର୍ପମିତ୍ର ଆଦିତ୍ୟ ବେହେରା, ନିୟୁଜ ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ବନପାଳ ଗତିକୃଷ୍ଣ ବେହେରା ଏବଂ କୁମୁରିସିଂହା ଗ୍ରାମର ସର୍ପଉଦ୍ଧାରକାରୀ ଅଭୟ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସାପକାମୁଡ଼ା ଜନିତ ସାପ ବିଷ ନିରୋଧକ ଔଷଧ ମହଜୁତ ଥିବାବେଳେ ଏହା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଥାଏ ବୋଲି ଆଲୋଚନା ହୋଇଥିଲା। ବର୍ଷା ଦିନେ ଘର ପାଖ ସଫାସୁତରା ରଖିବା ସହ ରାତିରେ ଟର୍ଚ୍ଚ ଏବଂ ମଶାରି ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ସଚେତନତା ସତ୍ତ୍ୱେ ସର୍ପ ଦଂଶନ ହେଲେ ଆଦୌ ଭୟଭୀତ ନ ହୋଇ ତୁରନ୍ତ ଡାକ୍ତରଖାନାକୁ ନେବାକୁ ସଚେତନ କରାଯାଇଥିଲା। ସର୍ପମିତ୍ର ଆଦିତ୍ୟ ବେହେରା ଛାତ୍ରୀଛାତ୍ରଙ୍କ ପାଇଁ ଓପନ କୁଇଜ କାର୍ଯ୍ୟକ୍ରମ କରିଥିଲେ। ବିନୟ କୁମାର ସାହୁ ଏବଂ ସ୍କୁଲ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

## ନାଲ୍କୋ ଡିଅର ପାର୍କରୁ ୬୦ ହରିଣ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

**ନାଲକୋ,୧୬।୭ (ଲୁସି ରାଉତ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍କୋ କଲୋନୀ ମଧ୍ୟରେ ଥିବା ଡିଅର ପାର୍କକୁ ବନ୍ଦ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ୧୯୯୫ ମସିହାରେ ଏହି ହରିଣ ପାର୍କ ନାଲ୍କୋ କର୍ତ୍ତୃପକ୍ଷ ନିର୍ମାଣ କରିଥିଲେ। ଜନ ଗହଳିପୂର୍ଣ୍ଣ ସ୍ଥାନରେ ଉକ୍ତ ପାର୍କ ଥିବାରୁ ସୁରକ୍ଷା ପାଇଁ ଦାବି ଆପତ୍ତି ହୋଇ ଆସୁଥିଲା। ତେବେ ଖାଦ୍ୟ ଓ ପାନୀୟ ଅଭାବରୁ ପ୍ରତିବର୍ଷ ୨ ରୁ ୩ଟି ହରିଣ ଜୀବନ ହରାଉଥିଲେ। ବାରମ୍ବାର ବିରୋଧ ପରେ ବନ୍ୟଜନ୍ତୁ ସୁରକ୍ଷା ପାଇଁ ହରିଣମାନଙ୍କୁ ଜଙ୍ଗଲକୁ ସ୍ଥାନାନ୍ତର ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଥିଲା। ଉକ୍ତ ଯୋଜନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ହରିଣମାନଙ୍କୁ ସ୍ଥାନାନ୍ତର କରିବାକୁ ବନ କର୍ମଚାରୀ ନାଲ୍କୋ ଡିଅର ପାର୍କରେ ପହଞ୍ଚିଥିଲେ। ହରିଣମାନଙ୍କୁ ପାର୍କ ମଧ୍ୟରୁ ବନ ବିଭାଗ ଗାଡ଼ି ଯୋଗେ ଢେଙ୍କାନାଳ ଡିଭିଜନ, ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କନ୍ଧରା ଆର୍‌ଏଫ୍‌କୁ ସ୍ଥାନାନ୍ତର ପାଇଁ ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଉକ୍ତ ପାର୍କରୁ ହରିଣଙ୍କୁ ସ୍ଥାନାନ୍ତର ପାଇଁ ପ୍ରାୟ ୨ରୁ ୩ ଦିନ ସମୟ ଲାଗିବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ସଭାଗୃହ ଉଦ୍‌ଘାଟିତ


ଗ୍ରାମେଶ୍ୱରୀ ବଗାଧରଙ୍କ ବିଜେ ପ୍ରତିମା ଆଳମକୁ ଅଣାଯାଉଛି।

**ଅନୁଗୋଳ,୧୬।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ରାଣୀଗୋଡା ଠାରେ ବରିଷ୍ଠ ନାଗରିକ ମଞ୍ଚର ନୂତନ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ମଞ୍ଚ ସଭାପତି ପୂର୍ବତନ ଅବସରପ୍ରାପ୍ତ ପ୍ରଶାସକ ରାଜକିଶୋର ଦାସ ଏହି ନୂତନ ସଭାଗୃହକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ବିଧାୟକ ପାଣ୍ଠି ଅନୁଦାନରେ ଏହି ସଭାଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଗ୍ରାମେଶ୍ୱରୀ ବଗାଧରଙ୍କ ବିଜେ ପ୍ରତିମା ଆଳମକୁ ଅଣାଯାଇ ପୂଜାର୍ଚ୍ଚନା କରି ସଭାଗୃହକୁ ପବିତ୍ର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ରାଜକିଶୋର ଦାସ, ସମ୍ପାଦକ ବସନ୍ତ କୁମାର ଦାସ, ବରିଷ୍ଠ ସଦସ୍ୟ ଦାମୋଦର ଦାସ, ଧ୍ରୁବଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, କୋଷାଧ୍ୟକ୍ଷ ତ୍ରେତାନନ୍ଦ ସାମନ୍ତ, ସଦସ୍ୟ ଦୁର୍ଗାଚରଣ ଦାସ, ହୃଷୀକେଶ ସାହୁ, ଭଗବାନ ମହାପାତ୍ର, ପ୍ରମୋଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାମନ୍ତ, ଦୁର୍ଗାଚରଣ ସାହୁ, କ୍ଷୀରୋଦ ଚନ୍ଦ୍ର ଦାସ, ବାବାଜୀ ସାସମଲ, ନିମେଇଁ ସାହୁ, ସୂର୍ଯ୍ୟବାଦୀ ଦାସ, ଗୋକୁଳ ଚନ୍ଦ୍ର ସାମନ୍ତଙ୍କ ସହିତ ଗ୍ରାମବାସୀଙ୍କ ଉପସ୍ଥିତି ଏବଂ ପୂର୍ଣ୍ଣ ସହଯୋଗ ଦ୍ୱାରା ଏକ ଭକ୍ତିମୟ ପରିବେଶରେ ନୂତନ ସଭାଗୃହ ଉଦ୍‌ଘାଟନ କରାଯାଇଥିଲା।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନରେ ଚାରା ରୋପଣ


ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହ ବିଧାୟକ ଅଶୋକ ମହାନ୍ତି ଓ ବିଭୂତି ପ୍ରଧାନ।

**କଣିହାଁ,୧୬।୭ (ସଚ୍ଚିଦାନନ୍ଦ ପ୍ରଧାନ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ ୮୪ ତମ ଜନ୍ମଦିନ ଅବସରରେ ଚାରା ରୋପଣ କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କଣିହାଁ ବ୍ଲକ ଦଳକ ପଞ୍ଚାୟତ ନାଳମ ନୃସିଂହନାଥ ମନ୍ଦିର ଠାରେ ଭାଜପା କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଦୀପ ପ୍ରଜ୍ୱଳନ କରିବା ସହ ପ୍ରଧାନଙ୍କ ଶୁଭ ମନାସୀ ଥିଲେ। ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ପରେ ପ୍ରଧାନ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମମାଟି ପୋଇପାଳରେ ପହଞ୍ଚି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳକ ପଞ୍ଚାୟତ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳ ପରିସରରେ ଚାରା ରୋପଣ କରିଥିଲେ। ବିଧାୟକ ମହାନ୍ତି ଓ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସୁବିଧା ସୁଯୋଗ ହିତାଧିକାରୀମାନେ ପାଉଛନ୍ତି କି ନାହିଁ ତାହା ପରଖି ଥିଲେ। ଭାଜପା ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ଜିଲା ଉପସଭାପତି ନୃସିଂହ ବରାଳ, ଯୁବନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀରାମଚନ୍ଦ୍ର ବେଦ ପାଠଶାଳାର ସାମୂହିକ ବ୍ରତୋପନୟନ

**ଅନୁଗୋଳ,୧୬।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ବନ୍ତଳାସ୍ଥିତ ଶ୍ରୀରାମ ମନ୍ଦିରରେ ଶ୍ରୀରାମଚନ୍ଦ୍ର ବେଦ ପାଠଶାଳାରେ ଅଧ୍ୟୟନ କରୁଥିବା ୪୦ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୧ଜଣ ବିଦ୍ୟାର୍ଥୀଙ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରୟାସ ଫାଉଣ୍ଡେଶନ ଦ୍ୱାରା ସଙ୍ଗଠିତ ଏହି କାର୍ଯ୍ୟକ୍ରମରେ ସୁବାସ ସାହୁ, ସାମାଜିକ କର୍ମୀ ବିଜୟ କୁମାର ମୋଦି, ପର୍ଶୁରାମ ଦାଶ, ଅନୁଷ୍ଠାନର ମାର୍ଗଦର୍ଶକ ପଣ୍ଡିତ ମହେଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ କରାଯିବା ପାଇଁ ଫାଉଣ୍ଡେଶନ ଅଧ୍ୟକ୍ଷା ବିନୋଦିନୀ ସାହୁ ଗୁରୁତ୍ୱଆରୋପ କରିଥିଲେ। ପାଠଶାଳାର ପ୍ରଧାନଆଚାର୍ଯ୍ୟ ପଣ୍ଡିତ ସତ୍ୟନାରାୟଣ ଦାଶ ପରିଚାଳନା କରିଥିଲେ। ଫାଉଣ୍ଡେଶନ ମ୍ୟାନେଜିଂ ଟ୍ରଷ୍ଟି ସୌରୀ ରଞ୍ଜନ ପଣ୍ଡା ଏବଂ ଟ୍ରଷ୍ଟି ଭାବେ ଦୀପ୍ତି ରଞ୍ଜନ ଦାଶ, ଓକିଲ ଶୁଭାଶିଷ ମିଶ୍ର, ପ୍ରୀତିଶ ପଣ୍ଡା, ସାଇ ସ୍ୱରୂପ ସାହୁ, ଦାମୋଦର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶ୍ରୀରାମଚନ୍ଦ୍ର ବେଦ ପାଠଶାଳାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୧ଜଣ ବିଦ୍ୟାର୍ଥୀଙ୍କ ସାମୂହିକ ବ୍ରତୋପନୟନ କରାଯାଉଛି।

## ନାଲ୍‌କୋରେ ବାହୁଡ଼ାଯାତ୍ରା ସମ୍ପନ୍ନ


ନାଲ୍‌କୋରେ ବାହୁଡ଼ା ଯାତ୍ରା ସମୟରେ ରଥ ଉପରେ ତିନି ଠାକୁର।

**ନାଲକୋ,୧୬।୭ (ଲୁସି ରାଉତ)**

ବଅଁରପାଳ ବ୍ଲକ ନାଲ୍‌କୋନଗର ଟାଉନଶିପ୍ ପରିସରରେ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ସୁବ୍ରମଣ୍ୟମ ଛେରା ପହଁରା କରିଥିଲେ। ପୂଜକ ଶତପଥୀ ଏବଂ ସୁଶାନ୍ତ କୁମାର ଦାସ ନୀତି ସମ୍ପାଦନ କରିଥିଲେ। ଗୋଟି ପହଣ୍ଡିରେ ମହାପ୍ରବନ୍ଧକ ସତ୍ୟବାଦୀ ମିଶ୍ର, ସୁଗେତା ବାସୁ ଏବଂ ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶୃଙ୍ଖଳା ଦୃଷ୍ଟିରୁ ନାଲ୍‌କୋ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ସିଆଇଏସ୍‌ଏଫ୍ ଏବଂ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ ଥିଲେ। ବିଭିନ୍ନ ଧର୍ମାନୁଷ୍ଠାନ ପକ୍ଷରୁ ଜଳ ବିତରଣ କରାଯାଇଥିଲା। ବାହୁଡ଼ାଯାତ୍ରାର ସଫଳତା ଦିଗରେ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର, ରାଜାରାମ ମିଶ୍ର, ମାନବସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ସହଯୋଗ କରିଥିଲେ।

## ଯୁବଶକ୍ତିର ବିକାଶ ହିଁ ଦେଶର ଭବିଷ୍ୟତ

**ଛେଣ୍ଡିପଦା,୧୬।୭(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା ଏନ୍‌ଆଇସିଇଟି ଓ ସାଇ ଇନ୍‌ଫୋଟେକ ପରିସରରେ ସୋମବାର ବିଶ୍ୱଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଛେଣ୍ଡିପଦା ଏନ୍‌ଆଇସିଇଟି ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୁବଶକ୍ତିର ବିକାଶ ହିଁ ଦେଶ ଓ ରାଜ୍ୟର ଭବିଷ୍ୟତ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ସେହିପରି ବାଗଡିଆସ୍ଥିତ ସାଇଇନ୍‌ଫୋଟେକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ତ୍ରିବିକ୍ରମ କୁମରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଯୁବ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ କରିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ସ୍କିଲ୍ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଦିବସ ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର କଳା ଦକ୍ଷତାର ପ୍ରକଳ୍ପ ଉପସ୍ଥାପନକରିଥିଲେ। ଏହିକାର୍ଯ୍ୟକ୍ରମରେ କୈଳାସ ସେଠୀ, ରୁନୁ ପ୍ରଧାନ, ମହାମାୟା ପ୍ରଧାନ, ରାଜେସ ଖାନ, ଭାନୁ ସେଠୀ, ରାଜେଶ ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ

## ଖବରଦାତାଙ୍କ ବିୟୋଗରେ ଏମ୍‌ପିଙ୍କ ଶୋକ

**ନାଲକୋ,୧୬।୭ (ଲୁସି ରାଉତ)**

ବଅଁରପାଳ ଅଞ୍ଚଳର ଖବରଦାତା ରାଜେଶ କୁମାର ନାୟକ (୩୭)ଙ୍କ ଅକାଳ ବିୟୋଗରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ମୃତକଙ୍କ ପରିବାର ବର୍ଗଙ୍କୁ ଏମ୍‌ପି ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଜେଶ ବଅଁରପାଳ ଅଞ୍ଚଳରୁ ଖବର ସଂଗ୍ରହ କରି ବାଇକ୍‌ରେ ଫେରୁଥିବା ବେଳେ ବଉଳିଗଡ ପୋଲ ପାଖ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେହିପରି ବଅଁରପାଳ ସାମ୍ବାଦିକ ସଂଘର ବରିଷ୍ଠ କର୍ମକର୍ତ୍ତା ସଞ୍ଜୟ କୁମାର ବିଶୋୟୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପଞ୍ଚଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

**ବଅଁରପାଳ,୧୬।୭(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ସୂର୍ଯ୍ୟ ପୂଜା, ୮ଟା ୩୦ରେ ମଙ୍ଗଳଆଳତି, ୧୦ଟା ୩୦ରେ ପହଣ୍ଡି ପରେ ଅପରାହ୍ନ ୩ଟାରେ ରାଜାଙ୍କ ଛେରା ପହଁରା ଓ ଅପରାହ୍ନ ୪ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ୩୦ରେ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିଥିଲା। ମୁଖ୍ୟ ପୂଜକ ଅଶୋକ କୁମାର ଦାସ, ଅଚ୍ୟୁତାନନ୍ଦ ଦାସ, ପ୍ରାଣବନ୍ଧୁ ନାଥ, କର୍ତ୍ତା ଭାବେ ସତ୍ୟବାନ ବରାହ ଓ କୁମୁଦିନୀ ବରାହ, ମୁଖ୍ୟ ପରିଚାଳନା ନରେଶ ଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ଦଇତା ପତି ଶ୍ରୀମୁଖ ଭୂତିଆ, ଅଭୟ ଭୂତିଆ, ନିର୍ମଳ ବରାଳ, କୃତାର୍ଥ ସେନାପତି, ନିମାଇଁ ସାମଲ, ଗଗନ ବିହାରୀ ମହାଳିକ, ଛବି ମୋହନ ସାହୁ, ପ୍ରଦୀପ କୁମାର ମାଝୀ, ରବିନାରାୟଣ ବେହେରା, ସତ୍ୟବାନ ଅମାନ୍ତ, ଉପେନ୍ଦ୍ର ସାମଲ, ପ୍ରେମାନନ୍ଦ ପ୍ରଧାନ, ସୌମ୍ୟରଞ୍ଜନ ନାହକ, ଶୈଳେନ୍ଦ୍ର ରାଉତ, ବଳିଆ ସାମଲ, ଚିନ୍ତାମଣି ବେହେରା, ଅରବିନ୍ଦ ନାୟକ, ମୁରଲୀଧର ପ୍ରଧାନ, ଟିକା ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ବାହୁଡ଼ା ଯାତ୍ରାରେ ସାମିଲ ହୋଇଥିଲେ।


ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ପାଳନ କରାଯାଉଛି।

## ଆଶ୍ ପାଇପ୍ ଫାଟି ପ୍ରଦୂଷଣ


ଆଶ୍ ପାଇପ୍ ଫାଟି ପାଉଁଶ ପାଣି ପ୍ରବାହିତ ହେଉଛି।

**କଣିହାଁ,୧୬।୭(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଅଞ୍ଚଳରେ ରହିଛି ଏନ୍‌ଟିପିସିର ସର୍ବବୃହତ ଦ୍ୱିତୀୟ ବିଦ୍ୟୁତ୍ ପ୍ରକଳ୍ପ। ତେବେ ପରିଚାଳନାଗତ ତ୍ରୁଟି ଯୋଗୁ ଏହା ପ୍ରଦୂଷଣ ସୃଷ୍ଟିରେ ସହାୟକ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘବର୍ଷର ଏନ୍‌ଟିପିସି ପ୍ରକଳ୍ପ ନିଯୁକ୍ତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାବେଳେ ପାଉଁଶ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ଜନସାଧାରଣଙ୍କ ପ୍ରଦୂଷଣ ସମସ୍ୟା ଦୂର କରିପାରି ନାହିଁ। ଗତ ୫ ଦିନ ହେଲା ପ୍ରକଳ୍ପରୁ ଆଶ୍‌ପଣ୍ଡକୁ ଆସିଥିବା ପାଇପ୍ ଫାଟିଯିବାରୁ ଚାଷ ଜମି ସମେତ ଟିକିରା ଏବଂ ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି। ଏହାର ମରାମତି କାର୍ଯ୍ୟ ବିଳମ୍ବକୁ ନେଇ ସ୍ଥାନୀୟ ବାସିନ୍ଦା ଚିନ୍ତିତ ହୋଇପଡ଼ିଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅନେକ ବୁଦ୍ଧିଜୀବୀ ଓ କଣିହାଁ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ଦାବି କରିଛନ୍ତି।

## ସାଇଣ୍ଟିଫିକ ଟିମ୍ ନେଇ ପୋଲିସର ତଦନ୍ତ

**ନାଲକୋ,୧୬।୭ (ଲୁସି ରାଉତ)**

ନାଲ୍‌କୋ ଥାନା ସେଣ୍ଟ୍ରାଲ ମାର୍କେଟ ନିକଟ ଏକ ଗ୍ଲାସ ହାଉସ ଗୋଦାମ ଘର ମଧ୍ୟରୁ କର୍ମଚାରୀ ତଥା ଆଠଗଡ଼ ମାଣିଆବନ୍ଧ ଗ୍ରାମର ବ୍ରଜବନ୍ଧୁ ସ୍ୱାଇଁଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ମଙ୍ଗଳବାର ପୂର୍ବାହ୍ନରେ ନାଲ୍‌କୋ ପୋଲିସ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ପକ୍ଷରୁ ତଦନ୍ତ କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଗ୍ଲାସ ହାଉସ ମାଲିକଙ୍କ ପରିବାର ପକ୍ଷରୁ କୁହାଯାଇଛି, ବ୍ରଜବନ୍ଧୁ ପ୍ଲାଏ ପଟା କାଟୁଥିବା ବେଳେ କାନ୍ଥରେ ମୁଣ୍ଡ ମାଡ଼ ହୋଇ ପ୍ରାଣ ହରାଇଛନ୍ତି। ତେବେ ଘଟଣାକୁ ନେଇ ନାଲ୍‌କୋ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ତନିସ୍କ ପକ୍ଷରୁ 'ଫେଷ୍ଟିଭାଲ ଅଫ ଡାଇମଣ୍ଡ୍‌ସ'



'ଫେଷ୍ଟିଭାଲ ଅଫ ଡାଇମଣ୍ଡ୍‌ସ' ସମ୍ପର୍କରେ ସୂଚନା ଦିଆଯାଉଛି।

**ଅନୁଗୋଳ,୧୬।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଠାରେ ଥିବା ତନିସ୍କ ଶୋ'ରୁମ ତଥା ଭାରତର ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଆଣିଛି 'ଫେଷ୍ଟିଭାଲ ଅଫ ଡାଇମଣ୍ଡ୍‌ସ'। ତନିସ୍କର କାଳଜୟୀ ହୀରା ସହିତ ଜୀବନର ପ୍ରିୟ ଅବସରଗୁଡ଼ିକୁ ପାଳନ କରିବାକୁ ଏହା ସୁଯୋଗ ପ୍ରଦାନ କରୁଛି। ଏହା ମାଧ୍ୟମରେ ପ୍ରାକୃତିକ ହୀରାର ଯାଦୁଗରୀକୁ ଆଲିଙ୍ଗନ କରିବା ସହ ଏହାର କାଳଜୟ ସୌନ୍ଦର୍ଯ୍ୟ ସହିତ ନିଜକୁ ସଜାଇପାରିବେ ଗ୍ରାହକ। ଏହି ସ୍ୱତନ୍ତ୍ର ଅବସର ପାଇଁ ଅପେକ୍ଷା କରିବାର ନାହିଁ। ତନିସ୍କ ଉତ୍କୃଷ୍ଟ ହୀରାର ଚମକ ଦ୍ୱାରା ଗ୍ରାହକଙ୍କ ଆଭ୍ୟନ୍ତରୀଣ ଚମକ ଏବଂ ଆନନ୍ଦକୁ ପରିବର୍ଦ୍ଧିତ କରୁଛି। ତନିସ୍କର ଫେଷ୍ଟିଭାଲ ଅଫ ଡାଏମଣ୍ଡସ ମାଧ୍ୟମରେ ଗ୍ରାହକ ୧୦,୦୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ହୀରା ଗହଣାର ବ୍ୟାପକ ଡିଜାଇନରୁ ନିଜ ମନ ପସନ୍ଦର ଗହଣା ଚୟନ କରିପାରିବେ। ପ୍ରତ୍ୟେକ ପସନ୍ଦ ଏବଂ ଅବସର ପାଇଁ ଏଗୁଡ଼ିକ ଉଦ୍ଦିଷ୍ଟ। ଉତ୍କୃଷ୍ଟ ଲାଳିତ୍ୟକୁ ଦର୍ଶାଇଥିବା କାଳଜୟୀ ସଲିଟାୟାରଠାରୁ ଆରମ୍ଭ କରି ବିଶେଷ କଳାକୃତିକୁ ଦର୍ଶାଉଥିବା ଜଟିଳ ମଲ୍‌ଟି ଷ୍ଟୋନ ଡିଜାଇନ, ପ୍ରତ୍ୟକ ପିସ୍ ଗହଣା ହୀରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଚମକକୁ ପ୍ରଦର୍ଶିତ କରୁଛି। ନ୍ୟୂନତମ ଡିଜାଇନ ହେଉ ଅବା ଷ୍ଟେଟମେଣ୍ଟ ପିସ୍, ତନିସ୍କ ଆକର୍ଷଣୀୟ ବର୍ଗର କଟ, କ୍ୟାରେଟ ପ୍ରଦାନ କରୁଛି। ବ୍ୟକ୍ତିଗତ ଷ୍ଟାଇଲ୍‌କୁ ବର୍ଣ୍ଣାଇଥିବା ଉପଯୁକ୍ତ ହୀରା ସହ ନିଜ ସ୍ୱତନ୍ତ୍ର ଅବସରକୁ ଗ୍ରାହକ ସ୍ମରଣୀୟ କରିପାରିବେ। ଏହି ଅବସରରେ ଗ୍ରାହକ ହୀରା କାନଫୁଲ, ବ୍ରେସ୍ଲେଟ, ନେକଲେସ, ମୁଦି ଏବଂ ଅନ୍ୟାନ୍ୟ ଗହଣାର ବିସ୍ତୃତ ତଥା ନୂଆ ଡିଜାଇନ ପାଇପାରିବେ। ଏହି ଅବସରରେ ତନିସ୍କ ପକ୍ଷରୁ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହାସହିତ ଗ୍ରାହକ ୧୦୦% କରେଣ୍ଟ ଭାଲ୍ୟୁ ସହ ନିଜ ପୁରୁଣା ସୁନାକୁ ବଦଳାଇ ଆକର୍ଷଣୀୟ ନୂଆ ହୀରା ଗହଣା ପାଇପାରିବେ। ତନିସ୍କର ଅତ୍ୟାଧୁନିକ କଲେକ୍ସନର ସୁନ୍ଦରତାକୁ ଚୟନ କରି ଗ୍ରାହକ ଏହି ଗହଣାକୁ ନିଜ ସ୍ୱତନ୍ତ୍ର ଯାତ୍ରାର ସାକ୍ଷୀ କରିପାରିବେ। ପ୍ରକୃତ ହୀରା ସହ ନିଜର କାହାଣୀକୁ ପାଳନ କରିପାରିବେ। ଏହି ଆକର୍ଷଣୀୟ ହୀରା ଗହଣା ଗ୍ରାହକ ନିକଟସ୍ଥ ତନିସ୍କ ଷ୍ଟୋରରୁ କିଣି ପାରିବେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

